ODIA (HONOURS) PDF NOTES OF - SEM-III - C.C-Vth.

UNIT — 'ଓଡ଼ିଆ ଉପନ୍ୟାସର ଉତ୍ପତ୍ତି ଓ ବିକାଶଧାରା'

POSTED By - Dr. Harihar padhan
Asst. prof.
Deptt. of Odia.
J.L.N. Coll. CKP.

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଜ୍ଞାନ ରାଜ୍ୟରେ ଡାରଉଇନ୍ (Darwin) ଙ୍କ ନେତୃତ୍ୱରେ ବିବର୍ତ୍ତନବାଦୀ ତତ୍ତ୍ୱ (Theory of Evolution) ର ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱରେ ଏକ ଚହଳ ସୃଷ୍ଟି କରିଥିଲା । ଦେବଶିଶୁ ରୂପେ ପରିଗଣିତ ହେଉଥିବା ମଣିଷ କୌଣସି ଆଦିମତମ ଜୀବକୋଷର ଏକ ଉଦ୍‌ବର୍ତ୍ତିତ ରୂପରେଖ ତଥା ବାନରରୁ ନିକଟତମ ଉତ୍ତରସୂରୀ ଏକ ଜନ୍ତୁଠାରୁ ପଶୁ ପ୍ରମାଣିତ ହେଲା । ଏଭଳି ତଥ୍ୟ ବିଶ୍ୱବାସୀ ଅନ୍ତଃକରଣରେ ଗ୍ରହଣ କରି ପାରୁ ନ ଥିଲେ ମଧ୍ୟ ; ସିଧାସଳଖ ଅସ୍ୱୀକାର ମଧ୍ୟ କରି ପାରିଲେ ନାହିଁ ।

ନିମ୍ନବର୍ତ୍ତିତ ଜୀବରୂପର ନମୁନା ହିସାବରେ ପ୍ରମାଣିତ ହୋଇସାରିବା ପରେ ମଣିଷ ଯେ, କୌଣସି ଅବିନାଶୀ ଆତ୍ମାର ବିନ୍ଦୁମାତ୍ର ଓ ପରମାତ୍ମା ସହିତ ତା'ର ମିଳନ ହିଁ ଚରମ ଲକ୍ଷ୍ୟ ; ଏହାର ବିଶ୍ୱାସର କାଳଜୟୀ ଭିତ୍ତିଭୂମି କ୍ରମେ ଦୋହଲିବାକୁ ଲାଗିଲା । ମଣିଷ ଯଦି ଭଗବାନଙ୍କ ସୃଷ୍ଟି ନୁହେଁ ; ଭଗବାନଙ୍କ ଠାରେ କୃତଜ୍ଞ ରହିବାର କୃଚ୍ଛ୍ର ଅନୁଷ୍ଠାନ ଗୁଡ଼ିକ ମଧ୍ୟ ଅଳୀକ ପ୍ରତିପାଦିତ ହେଲା ।

ଅନ୍ୟ ଭାବରେ କହିବାକୁ ଗଲେ, ପ୍ରକୃତି ଓ ପରିବେଶର ପ୍ରଭାବ ଅନୁଯାୟୀ ବିବର୍ତ୍ତିତ ହୋଇଥିବା ଜୀବକୋଷ ହିଁ ଯଦି ମାନବ ରୂପରେ ଦେଖାଯାଉଛି, ତା' ହେଲେ ଭଗବାନଙ୍କ ସ୍ଥିତି ହିଁ ନାହିଁ ; ଯଦି ଥାଏ ତା'ର ନିର୍ଦ୍ଦିଷ୍ଟ କୌଣସି ପ୍ରମାଣ ନାହିଁ, ଏଣୁ ସର୍ବୋପରି ମର୍ତ୍ତ୍ୟର ମାନବ ସମାଜ ସହିତ ତା'ର କୌଣସି ସମ୍ପର୍କ ନାହିଁ ।

ସେଇ ଊନବିଂଶ ଶତାବ୍ଦୀରେ ହିଁ ସାହିତ୍ୟ କ୍ଷେତ୍ରରେ ଉନ୍ମେଷ କରି ଫ୍ରାନ୍ସ୍ ରେ ବାଲ୍‌ଜାକ୍ (Balzac) ଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଓ ପରବର୍ତ୍ତୀ କାଳରେ ଇଂରେଜି, ଆମେରିକୀୟ ଓ ରୁଷୀୟ ଉପନ୍ୟାସ ପରମ୍ପରାରେ ପରିବ୍ୟାପ୍ତ ହୋଇଥିବା ବାସ୍ତବବାଦୀ

ସେମାନେ ମଧ୍ୟ ଏକ ନିରୀଶ୍ୱର ବାଦୀ ଭାବନାର ସଂକେତ ଦେଇବାକୁ ଲାଗିଥିଲେ।

ବାଲଜାକ୍, ଷ୍ଟାଁଦଲ (Stendhal) ଜର୍ଜ ଇଲିଅଟ (George Elliot) ଙ୍କ ପରି ବାସ୍ତବବାଦୀ କଥାକାର ମାନଙ୍କ ପରବର୍ତ୍ତୀ ଶ୍ରେଣୀର ମାନଙ୍କୁ ସେହି ବିବର୍ତ୍ତନ ବାଦୀ ଭାବନା ବେଶ ପ୍ରଭାବିତ କରିଥିଲା। ଫଳରେ ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଫରାସୀ ଉପନ୍ୟାସ ସାହିତ୍ୟରେ ଫ୍ଲବର୍ଟ (Flubert) ଓ ଜୋଲା (Emile Zola) ପ୍ରମୁଖ ଔପନ୍ୟାସିକ ମାନଙ୍କ ଉପନ୍ୟାସରେ ଐଶ୍ୱରିକ ଭାବନା ଅପେକ୍ଷା ପ୍ରକୃତି-ପ୍ରୀତତା, ପାଶବିକ ପ୍ରବୃତ୍ତି ପରାୟଣତା ଓ ନିରୀଶ୍ୱର ବାଦୀ ଭାବନାର ଏକ ସଫଳ ପରିପ୍ରକାଶ ଦେଖିବାକୁ ମିଳିଥାଏ।

ସାହିତ୍ୟ କ୍ଷେତ୍ରରେ ଏହି ପ୍ରକୃତି ଓ ପ୍ରବୃତ୍ତିବାଦୀ ଭାବନାର ଉତ୍ଥାନ ପାଇଁ ବିବର୍ତ୍ତନବାଦୀ ତତ୍ତ୍ୱ ସାଙ୍ଗକୁ ତତ୍କାଳୀନ ବାସ୍ତବବାଦୀ ଚିତ୍ରଶିଳ୍ପୀ ମାନଙ୍କ ପରୋକ୍ଷ ପ୍ରେରଣା ମଧ୍ୟ ଅବିସ୍ମରଣୀୟ। ସେହି ଉନବିଂଶ ଶତାବ୍ଦୀରେ ହିଁ ଚିତ୍ରଶିଳ୍ପୀ କର୍ବେଟ (Courbet), ମାନେଟ୍ (Manet) ପ୍ରଭୃତି ଙ୍କ ବାସ୍ତବବାଦୀ ଚିତ୍ରଶିଳ୍ପ ସବୁର ନିର୍ଭୀକ ପରିପ୍ରକାଶ ଉପରେ ବାସ୍ତବବାଦୀ ଔପନ୍ୟାସିକ ମାନଙ୍କୁ ଅଧିକ ଉତ୍ସାହିତ କରିପାରିଥିଲା।

ବାସ୍ତବବାଦୀ ଚିତ୍ରଶିଳ୍ପ ରେ ନଗ୍ନତାର ନିର୍ଭୀକ ପରିପ୍ରକାଶ ଦ୍ୱାରା ସଂପ୍ରେରିତ ହୋଇ ଉପନ୍ୟାସ ସାହିତ୍ୟରେ ମଧ୍ୟ ନଗ୍ନତା ଓ ଯୌନତା କୁ ନଗ୍ନ ରୂପ ଦେବାର ସାହସ ପୋଷଣ କରିଥିଲେ ଜୋଲା ପ୍ରମୁଖ ଔପନ୍ୟାସିକ ମାନେ। ସେବେ ଠାରୁ ଓ ସାହିତ୍ୟରେ ଏ ପ୍ରକାରର ନଗ୍ନତା, ଯୌନତା ଇତ୍ୟାଦିର ଅବାରିତ ସେ ଅଶ୍ଳୀଳତା କିମ୍ବା ପାପପୁଣ୍ୟର ସୀମାରେଖା ମଧ୍ୟରେ ବିଚାର

ଇଂରେଜି ଉପନ୍ୟାସ ପରମ୍ପରାରେ ଜର୍ଜ ଇଲିୟଟ୍‌ଙ୍କ 'ଦ ମିଲ୍ ଅନ୍ ଦ ଫ୍ଲସ୍' (The mill on the Floss), ହାର୍ଡି (Thomas Hardy) ଙ୍କ 'ଫାର୍ ଫ୍ରମ୍ ଦ ମେଡିଙ୍ଗ୍ କ୍ରାଉଡ୍' (Far from the madding crowd) 'ଟେସ୍' (Tess), 'ଦ ମେୟର୍ ଅଫ୍ କାଷ୍ଟର୍ ବ୍ରିଜ୍' (The mayor of caster-bridge) 'ଦ ଉଡ୍‌ଲେଣ୍ଡର୍ସ' (The woodlanders), ଫଷ୍ଟର୍ (E.M. Foster) ଙ୍କ 'ମରିସ୍' (Maurice), ମୁର୍ (George moore) ଙ୍କ 'ଏ ମଡର୍ଣ୍ଣ ଲଭର୍' (A modern Lover), ମମ୍ (Summer-set Maugham) ଙ୍କ 'ଲିଜା ଅଫ୍ ଲାମ୍‌ବେଥ୍' (Liza of Lambeth), ଲରେନ୍‌ସ୍ (D.H. Lawrence) ଙ୍କ 'ସନ୍ସ ଏଣ୍ଡ ଲଭର୍ସ' (Sons and Lovers) 'ଲେଡି ଚାଟର୍ଲିସ୍ ଲଭର୍' (Lady chatterley's Lover), ପ୍ରଭୃତି ଉପନ୍ୟାସରେ ପ୍ରକୃତିବାଦୀ ଚେତନାର ଏକ ବଳିଷ୍ଠ ରୂପରେଖ ଦେଖାଯାଇ ନଥିଲା ।

ଆମେରିକୀୟ ଉପନ୍ୟାସ ସାହିତ୍ୟର ପରମ୍ପରାରେ ଫ୍ରାଙ୍କ ନରିସ୍ (Frank Norris) ଙ୍କ 'ଦ ଏପିକ୍ ଅଫ୍ ଦ ହ୍ୱିଟ୍' (The Epic of the Wheat), ଡ୍ରେସର୍ (Theodore Dreiser) ଙ୍କ ସିଷ୍ଟର୍ କେରୀ (Sister Carrie), ଦ ବୁଲ୍‌ୱାର୍କ (The Bull work), ଷ୍ଟିଫେନ୍ କ୍ରେନ୍ (Stephen Crane) ଙ୍କ 'ମାଗି: ଏ ଗାର୍ଲ ଅଫ୍ ଦ ଷ୍ଟ୍ରିଟ୍' (Maggie: A girl of the Street), ମିଲର୍ (Henry Mailer) ଙ୍କ 'ନେକେଡ୍ ଏଣ୍ଡ ଦ ଡେଡ୍' (Naked and the dead), କାଲ୍‌ଡୱେଲ୍ (Caldwell) ଙ୍କ 'ଟ୍ରାଜିକ୍ ଗ୍ରାଉଣ୍ଡ' (Tragic Ground), ରିଚାର୍ଡ ରାଇଟ୍ (Richard